# ତହସିଲଦାର ଙ୍କ କାର୍ଯ୍ୟାଳୟ, ବରୀ

Email: - tdrbari@gmail.com
Tel / fax: - 06728-246026

**ଲଘୁଖଣିଜ ଦ୍ରବ୍ୟ ଲିଜ ନିମନ୍ତେ ନିଲାମ ଇସ୍ତାହାର**

ସଂଖ୍ୟା ୩୫୭୫ ତଉଜି/ତା ୦୪-୧୦-୨୦୨୧

ଏତଦ୍ୱାରା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ **"ବରୀ ତହସିଲ"** ଅନ୍ତର୍ଗତ ନିମ୍ନ ପ୍ରଦତ୍ତ ଲଘୁ ଖଣିଜ ଖାଦାନ (ସୈରାତ ଉତ୍ସ) ର ୨୦୨୧-୨୨ ଆର୍ଥିକ ବର୍ଷ ଠାରୁ ଆସନ୍ତା ୫(ପାଂଚ) ବର୍ଷ ନିମନ୍ତେ ଦୀର୍ଘ ମିଆଦି ଲିଜ୍ ସୂତ୍ରେ ଦେବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉ ଅଛି । ଇଚ୍ଛୁକ ବ୍ୟକ୍ତି ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬ (ପରିବର୍ତ୍ତିତ) ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ୨୦୧୭ ଓ ୨୦୧୮ ଅନୁଯାଇ ୩(ତିନି) କିତା (set) କପି ଫର୍ମ ସଂଖ୍ୟା "M" ପୂରଣ କରି ତତ୍‌ସହିତ ନିମ୍ନଲିଖିତ ଆବଶ୍ୟକୀୟ କାଗଜାତ / ଦସ୍ତାବିଜ ସଂଲଗ୍ନ କରି ଏକ ଲଫାପା ଉପରେ ସ୍ପଷ୍ଟ ଭାବରେ ସୈରାତ ଉସର ନାମ, ସଂଖ୍ୟା ଏବଂ ଆବେଦନ କାରୀଙ୍କ ନାମ ଓ ଠିକଣା ଉଲ୍ଲେଖ ଥାଇ ଆସନ୍ତା ତା ୧୧.୧୦.୨୦୨୧ ରିଖ ପୂର୍ବାହ୍ନ ୧୧ଘଟିକା ଠାରୁ ତା ୦୬.୧୧.୨୦୨୧ ରିଖ ଅପରାହ୍ନ ଘ୫.00ଟିକା ମଧରେ ତହସିଲ କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସ (Tender Drop Box) ରେ କାର୍ଯ୍ୟଦିବସ ସମୟରେ (ଛୁଟିଦିନ ବ୍ୟତିତ) ପକାଇପାରିବେ ଅଥବା ସ୍ପିଡ୍ ପୋଷ୍ଟ / କୋରିଅର ମାଧମରେ ମଧ ପଠାଇପାରିବେ । ଦରଖାସ୍ତ ଗୁଡିକ ନିର୍ଧାରିତ ସମୟ ପରେ ହସ୍ତଗତ ହେଲେ କିମ୍ୱା ଅସମ୍ପୂର୍ଣ୍ଣ କାଗଜାତ କୁ ବିଚାର / ଗ୍ରହଣ କରାଯିବ ନାହିଁ । ଡାକ / ଦୈବିଦୁର୍ବିପାକ ଜନିତ ବିଳମ୍ୱ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଜଣେ ବ୍ୟକ୍ତି ଗୋଟିଏ ସୈରାତ ଉତ୍ସ ପାଇଁ ଗୋଟିଏ ଆବେଦନ ଫର୍ମ ଦାଖଲ କରିପାରିବେ । ଜିଲ୍ଲାପାଳ, ଯାଜପୁର ଙ୍କ ୱେବସାଇଟ www.jajpur.nic.in ର ଟେଣ୍ଡର ଲିଙ୍କ ମାଧମରେ ସୂଚନା ପାଇପାରିବେ । ପୁନଶ୍ଚ ବରୀ ତହସିଲ କାର୍ଯ୍ୟାଳୟ ରେ ପୂର୍ବାହ୍ନ ୧୧.୦୦ ଘଟିକା ଠାରୁ ଅପରାହ୍ନ ୪ଘଟିକା ମଧରେ (ଛୁଟିଦିନ ବ୍ୟତିତ) ଉପରୋକ୍ତ ଧାର୍ଯ୍ୟ ତାରିଖରେ ଏହି ବିଷୟରେ ସୂଚନା ପାଇପାରିବେ ।

**ନିଲାମର ସ୍ଥାନ ଓ ଧାର୍ଯ୍ୟ ତାରିଖ ଓ ସମୟ ;**

**ତହସିଲଦାର, ବରୀ** ଙ୍କ କାର୍ଯ୍ୟାଳୟ ରେ ଆସନ୍ତା ତା୦୮.୧୧.୨୦୨୧ ରିଖ ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ ନିଲାମ ନିମନ୍ତେ ଆସିଥିବା ଆବେଦନ ପତ୍ର ଗୁଡିକୁ ଆବେଦନ କାରୀ କିମ୍ୱା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧି ଙ୍କ ଉପସ୍ଥିତିରେ ଯାଂଚ ପ୍ରକ୍ରିୟା ଏବଂ ତତ୍‌ସଂଲଗ୍ନ ସମସ୍ତ କାର୍ଯ୍ୟ ସମାପନ କରାଯାଇ ଆଦେଶ ପ୍ରଦାନ କରାଯିବ । ଯଦି ଉପରୋକ୍ତ ନିଲାମ ଧାର୍ଯ୍ୟ ଦିନ କୌଣସି କାରଣରୁ ନିଲାମ ନ ହୋଇ ପାରିଲେ ପରବର୍ତ୍ତୀ ନିଲାମ ଯଥାକ୍ରମେ ଦିବା ୧୧.୩୦ଘଟିକା ସମୟ ରେ ତା୧୦.୧୧.୨୦୨୧ରିଖ କିମ୍ୱା ତା୧୨.୧୧.୨୦୨୧ରିଖ ଅତ୍ର କାର୍ଯ୍ୟାଳୟରେ ସମାପନ କରାଯାଇ ଆଦେଶ ପ୍ରଦାନ କରାଯିବ ।

**ଦରଖାସ୍ତ ସହ ଦାଖଲ କରିବାକୁ ଥିବା କାଗଜାତ / ଦସ୍ତାବିଜ ର ନାମ ;-**

1) ଦରଖାସ୍ତ ପାଉଣା ବାବଦ **ଟ୧,୦୦୦.୦୦ଙ୍କା** (ଏକହଜାର ଟଙ୍କା) ମାତ୍ର (ଅଣଫେରସ୍ତ ଯୋଗ୍ୟ) ଟ୍ରେଜେରୀ ଚାଲାଣ / ବ୍ୟାଙ୍କ ଡ୍ରାଫ୍ଟ / ଅତ୍ର କାର୍ଯ୍ୟାଳୟ ର ନାଜିର ଙ୍କ ନିକଟରେ ନଗଦ ଅର୍ଥ ରାଶି ଜମା କରି ପାରିବେ ଏବଂ ହାସଲ କରିଥିବା

Scanned by CamScanner

ଟ୍ରେଜେରୀ ଚାଲାଣ / ବ୍ୟାଙ୍କ ଡ୍ରାଫ୍ଟ / ରସିଦ ର ମୂଳ କପି (original) ଆବେଦନ ପତ୍ର ସହ ସଂଲଗ୍ନ କରିବେ, ଅନ୍ୟଥା ଦରଖାସ୍ତ ବିଚାର ନିମନ୍ତେ ଗ୍ରହଣ କରାଯିବ ନାହିଁ । ବ୍ୟାଙ୍କ ଡ୍ରାଫ୍ଟ "Tahasildar, Bari, payable at UCo Bank, Dharmasala ଙ୍କ ନାମରେ ପ୍ରସ୍ତୁତ ଏବଂ ଟ୍ରେଜେରୀ ଚାଲାଣ Head of Account no 0853-Non ferrous mining Metallurgical Industries-102-mineral concession fees rent & royalties ରେ ଦାଖଲ କରାଯିବ ।

2) ଆବେଦନକାରୀ ବାର୍ଷିକ ନିର୍ଦ୍ଧାରିତ ସର୍ବନିମ୍ନ ଉତ୍ତୋଳନ ର ପରିମାଣ (ସୈରାତ ଉତ୍ସ ଅନୁଯାଇ) ଉପରେ ରୟାଲିଟି (Royalty) ଓ ଅତିରିକ୍ତ ଦେୟ (Additional Charges) ବାବଦ କୁ ବାର୍ଷିକ ୫% ଅର୍ଜିତ ରାଶି (EMD) ଦରଖାସ୍ତ ସହ ଦାଖଲ କରିବେ । ଉକ୍ତ ଅର୍ଜିତ ରାଶି (EMD), ବ୍ୟାଙ୍କ ଡ୍ରାଫ୍ଟ / ଅତ୍ର କାର୍ଯ୍ୟାଳୟ ର ନାଜିର ଙ୍କ ପାଖରେ ନଗଦ ଆକାରରେ ପୈଠ କରିପାରିବେ ଏବଂ ହାସଲ କରିଥିବା ବ୍ୟାଙ୍କ ଡ୍ରାଫ୍ଟ / ରସିଦ ର ମୂଳ କପି (original) ଆବେଦନ ପତ୍ର ସହ ସଂଲଗ୍ନ କରିବେ, ଅନ୍ୟଥା ଦରଖାସ୍ତ ବିଚାର ନିମନ୍ତେ ଗ୍ରହଣ କରାଯିବ ନାହିଁ ।

3) ଆବେଦନକାରୀ ବାର୍ଷିକ ସର୍ବନିମ୍ନ ସ୍ଥିରୀକୃତ ହୋଇଥିବା ଲଘୁ ଖଣିଜ ପଦାର୍ଥ ର ରୟାଲଟି ଓ ଅତିରିକ୍ତ ଦେୟ ଉପରେ ଆବେଦନକାରୀ ଦର୍ଶାଇଥିବା ଉତ୍ସର ମୂଲ୍ୟ (offered price) ସହ ସମାନ ଅନୁପାତରେ ୧୮ମାସ ପର୍ଯ୍ୟନ୍ତ ଅବଧି ଥାଇ ବ୍ୟାଙ୍କ ଗ୍ୟାରେଣ୍ଟି କିମ୍ୱା ରାଜସ୍ୱ ଅଧିକାରୀ ଙ୍କ ଦ୍ଵାରା ଚଳିତ ବର୍ଷ (୨୦୨୧-୨୨ ଆର୍ଥିକ ବର୍ଷ ରେ) ପ୍ରାପ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ର ମୂଲ୍ୟାଙ୍କନ (Solvency Certificate) ଦାଖଲ କରିବେ ।

4) ଚଳିତ ଆର୍ଥିକ ବର୍ଷ ସହ ବିଗତ ଦୁଇ ବର୍ଷ ର ଆୟକର ରିଟର୍ଣ୍ଣ ସମ୍ବନ୍ଧୀୟ ଦସ୍ତାବୀଜ ର ନକଲ ଦାଖଲ କରିବେ ।

5) ଆବେଦନକାରୀ ରାଜସ୍ୱ ବିଭାଗର କୌଣସି ରାଜସ୍ୱ ଦେୟ ବାକି ନ ଥିବାନେଇ ଏକ ସତ୍ୟପାଠ (Affidavit) ଦାଖଲ କରିବେ ଏବଂ ଆବେଦନକାରୀ କୌଣସି ପ୍ରକାର ମାମଲା (case) ଦରଜ ହୋଇ ନ ଥିବା ଦର୍ଶାଇ ଅନ୍ୟ ଏକ ସତ୍ୟପାଠ (Affidavit) ସଂଲଗ୍ନ କରିବେ ।

6) ନିଜର ପ୍ରମାଣ ସ୍ୱରୂପ PAN CARD / ଆଧାର ପରିଚୟ ପତ୍ର / ଭୋଟ ପରିଚୟ ପତ୍ର ନିଜଦ୍ୱାରା ଅନୁମୋଦିତ (self attested) କରାଯାଇ ଯୋଗାଯୋଗ ନିମନ୍ତେ ଦୂରଭାଷ (Mobile) ନମ୍ବର ଦାଖଲ କରିବେ ।

7) ଆବେଦନକାରୀ ଧାର୍ଯ୍ୟ ଅତିରିକ୍ତ ଦେୟ (ଟ୪୫.୦୦) ଉପରେ ଉତ୍ସର ମୂଲ୍ୟ (offered price) ପକାଇବେ ଏବଂ ପରେ ଉତ୍ସର ମୂଲ୍ୟ (offered price) ସହ ଧାର୍ଯ୍ୟ ରୟାଲିଟି (ଟ୩୫.୦୦) ଯୋଗକରାଯାଇ ସୈରାତ ଉତ୍ସ ନିମନ୍ତେ **ଚୂଡାନ୍ତ ଉତ୍ସର ମୂଲ୍ୟ (final offered price) ହିସାବ କରାଯାଇ ଅନୁମୋଦନ କରାଯିବ ।**

୫) ଟେଣ୍ଡର ଖୋଲାଯିବା ର ସାତ (୭) ମଧ୍ୟରେ ସଫଳ ଆବେଦନକାରୀ (ସୈରାତ ଉତ୍ସ ଅନୁଯାଇ) ସର୍ବନିମ୍ନ ଧାର୍ଯ୍ୟ ଖଣିଜ ଦ୍ରବ୍ୟ ଉତ୍ତୋଳନ ପରିମାଣ ଉପରେ ଉତ୍ସର ଅନୁମୋଦିତ ମୂଲ୍ୟ (final offered price) ହିସାବ ସହ ଜିଲ୍ଲା ଖଣିଜ ପାଣ୍ଠି (District Mineral Fund) ବାବଦ ଅର୍ଥ (୧୦%) ଓ ଅନ୍ୟାନ୍ୟ ଅନୁସାରେ ଦର୍ଶାଯାଇଥିବା ସମସ୍ତ ବାର୍ଷିକ ଦେୟ ର ଏକ ଚର୍ତୁଥାଂଶ (୧/୪) ଅନୁପାତ ରେ ଟଙ୍କା **ଅମାନତ ରାଶି (Security money) ଆକାରରେ ରଖାଯିବ**, ଯାହାକି ଲିଜ ସମୟ ସମାପ୍ତ ପରେ ଉକ୍ତ ଅମାନତ ରାଶି କୁ ବିନାସୁଧରେ ଫେରସ୍ତ କରାଯିବ ଏବଂ ଅନ୍ୟାନ୍ୟ ସମସ୍ତ ଦେୟ ୧୫ ଦିନ ମଧ୍ୟରେ ଦାଖଲ କରି କାଗଜାତ ପ୍ରସ୍ତୁତ କରିବେ, ଅନ୍ୟଥା ଦାଖଲ କରିଥିବା ଅର୍ଥ ରାଶି ଫେରସ୍ତ ନ କରାଯାଇ ବାଜ୍ୟାପ୍ତି କରାଯିବା ସହ ଆଇନାନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

Scanned by CamScanner

**ବିଶେଷ ସର୍ତ୍ତାବଳୀ ;**

1. ସରକାରୀ ସର୍ବନିମ୍ନ ଧାର୍ଯ୍ୟ ମୂଲ୍ୟ ଠାରୁ କମ୍ ଦରରେ ଦରଖାସ୍ତ କରିଥିବା ଦରଖାସ୍ତ କାରୀ ମାନଙ୍କ ର ଆବେଦନ ପତ୍ର ନାକଚ ସହିତ ସେମାନେ ଦାଖଲ କରିଥିବା ଅର୍ଜିତ ରାଶି (EMD) କୁ ବାଜ୍ୟାପ୍ତି କରାଯିବ ।

2. ଆବେଦନକାରୀ ୧) ଓଡିଶା ଲଘୁ ଖଣୀଜ ଦ୍ରବ୍ୟ ରିହାତି ଆଇନ ୨୦୧୬ (OMMC Rule-2016) ୨) ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧିତ) ନିୟମାବଳୀ ୨୦୧୭ ଓ ୨୦୧୮ (OMMC Amendment Rule-2017 & 2018) ଏବଂ ୩) ତହସିଲ ହିସାବ ସାରଣୀ (Manual of Tahasil Account) ୪) Explosive Act 1984 ୫) Mines Act 1952 ରେ ବର୍ଣ୍ଣିତ ସମସ୍ତ ନିୟମ ଓ ଏହାର ପରବର୍ତ୍ତୀ ସଂଶୋଧିତ ଆଇନ ର ପରିସର ଭୁକ୍ତ ରହିବେ । ଆବେଦନକାରୀ / ଲିଜଧାରୀ କୌଣସି ନିୟମ ଖିଲାପ କଲେ ଆଇନାନୁଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଆଇନ ସଂପର୍କ ରେ ଅନଭିଜ୍ଞ ଥିବାର କୌଣସି ଯୁକ୍ତି / ଆବେଦନ ଗ୍ରହଣୀୟ ହେବ ନାହିଁ ।

3. ଯଦି ଦ୍ୱିତୀୟ ସର୍ବୋଚ ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ଆବେଦନକାରୀ ଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅର୍ଥରାଶି, ପ୍ରଥମ ସର୍ବୋଚ୍ଚ ମୂଲ୍ୟାଙ୍କ କରିଥିବା ଆବେଦନକାରୀ ଙ୍କ ଅର୍ଥରାଶି ଠାରୁ ଅତିକମ୍ (Maximum Difference) ହୋଇଥାଏ ତେବେ ଲିଜ ପ୍ରକ୍ରିୟା ମଧ ରଦ୍ଦ କରାଯାଇପାରେ ଏବଂ ନିୟନ୍ତ୍ରଣ ଅଧିକାରୀ (Controlling Authority) ଙ୍କ ଅନୁମତି କ୍ରମେ ପୁନଶ୍ଚ ନୂତନ ନିଲାମ ପ୍ରକ୍ରିୟା କରାଯାଇପାରେ ।

4. ଲିଜ ଆବେଦନ କାରୀ ଆବେଦନ କରିବା ପୂର୍ବରୁ ଲଘୁ ଖଣିଜ ଖାଦାନ ଗୁଡିକ ପରିଦର୍ଶନ କରି ପରିଚାଳନା ଏବଂ ଆନୁସଂଗିକ ବ୍ୟବସ୍ଥା ସଂର୍ପକରେ ନିଜେ ଅବଗତ ହୋଇ ଆବେଦନ କରିବେ ଅନ୍ୟଥା କୌଣସି ଯୁକ୍ତି / ଆବେଦନ ଗ୍ରହଣୀୟ ହେବ ନାହିଁ । ଆବେଦନ ପରେ ଏଥିପାଇଁ କର୍ତ୍ତୃପକ୍ଷ କୌଣସି ଦାୟୀ ରହିବେ ନାହିଁ ।

5. ଯେଉଁ ଲଘୁ ଖଣିଜ ଖାଦାନ କୁ ଗମନା ଗମନ ନିମନ୍ତେ ସରକାରୀ ରାସ୍ତା ନାହିଁ, ସେଠାରେ ଲିଜଧାରୀ ନିଜ ଦାୟୀତ୍ୱ ଏବଂ ଖର୍ଚ୍ଚ ରେ ଗମନା ଗମନ ର ସୁବିଧା କରିବେ. ଏଥିପାଇଁ ରାଜସ୍ୱ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ. ଲିଜଧାରୀ ଲଘୁ ଖଣିଜ ଖାଦାନ କୁ ଗମନା ଗମନ ନିମନ୍ତେ ବ୍ୟବହୃତ ରାସ୍ତା ର ମରାମତି ଓ ରକ୍ଷଣାବେକ୍ଷଣ ମଧ ନିଜ ଦାୟୀତ୍ୱ ଏବଂ ଖର୍ଚ୍ଚ ରେ କରିବେ ।

6. ଲିଜଧାରୀ ଲଘୁ ଖଣିଜ ଖାଦାନ କୁ ସଂପୂର୍ଣ୍ଣ ସୁପରିଚାଳନା ଦାୟୀତ୍ୱ ନିମନ୍ତେ ଦାୟୀ ରହିବେ ଏବଂ ପରିଚାଳନା ନିମନ୍ତେ ଲିଜଧାରୀ ଙ୍କ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

7. ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ମଧରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ ରାଜସ୍ୱ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

8. ଯଦି ଏକାଧିକ ଆବେଦନ କାରୀ ସମାନ ମୂଲ୍ୟ ପ୍ରଦାନ କରନ୍ତି ତେବେ ଉକ୍ତ ଆବେଦନ କାରୀ ମାନଙ୍କ ର ଲଟେରୀ ମାଧମରେ ସ୍ଥିର /ଚୟନ କରାଯିବ ଏବଂ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

9. ଯୋଗ୍ୟ ବିବେଚିତ ଆବେଦନକାରୀ ସୂଚନା ପ୍ରାପ୍ତି ର ୭(ସାତ) ଦିନ ମଧରେ ସର୍ତ୍ତାବଳୀ ର ସମ୍ମତି ପ୍ରଦାନ ସହ ସର୍ବନିମ୍ନ ଧାର୍ଯ୍ୟ ଖଣିଜ ଦ୍ରବ୍ୟ ଉତ୍ତୋଳନ ପରିମାଣ ଉପରେ ଅନୁମୋଦିତ ମୂଲ୍ୟ ହିସାବ ଅନୁସାରେ ଦର୍ଶାଯାଇଥିବା ସମସ୍ତ ବାର୍ଷିକ ଦେୟ ଦାଖଲ କରିବେ ।

10. ସଫଳ ଆବେଦନକାରୀ Mining Plan, Environmental Clearance, Consent to establish & Operate ପାଇଁ ରାଜ୍ୟ ପ୍ରଦୁଷଣ ବୋର୍ଡ ଏବଂ ଅନ୍ୟାନ୍ୟ ଆବଶ୍ୟକ କାଗଜାତ ନିମନ୍ତେ ନିଜେ ଉପଯୁକ୍ତ କାର୍ଯ୍ୟାଳୟ ସହ

Scanned by CamScanner

ଯୋଗାଯୋଗ କରିବା ସହ ସମସ୍ତ ଦେୟ ପୈଠ କରି (ଫେରସ୍ତ ଯୋଗ୍ୟ ନୁହେଁ), ସମସ୍ତ କାଗଜାତ ସର୍ବାଧିକ ୩(ତିନି) ମାସ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀ ଙ୍କ ନିକଟରେ ଦାଖଲ କରିବେ ।

11. ବିଂଜ୍ଞାପନ ସମ୍ବନ୍ଧୀୟ ଖର୍ଚ୍ଚ (advertisement expenses) ସଫଳ ଆବେଦନକାରୀ ପୈଠ କରିବେ ।

12. ରାଜସ୍ୱ କର୍ତ୍ତୃପକ୍ଷ ଙ୍କ ହିସାବାନୁସାରେ ସଂପୂର୍ଣ୍ଣ ଅର୍ଥରାଶି ପୈଠ ପରେ ଉଭୟ ଙ୍କ ମଧ୍ୟରେ Registrtion Act 1908 and Stamp Act 1899 ଅନୁସାରେ ଏକ ଚୁକ୍ତି ପତ୍ର "ଫର୍ମ ଏନ" (Form N) ଅନୁସାରେ ରାଜିନାମା ପଂଜିକରଣ କରାଯିବ । ପଂଜିକରଣ ନିମନ୍ତେ ଲିଜଧାରୀ ସମସ୍ତ ଖର୍ଚ୍ଚ ବହନ କରି କରାଇବେ ।

13. ଲିଜଧାରୀ ନିଜ ଖର୍ଚ୍ଚରେ ସୈରାତ ଉତ୍ସର ନକ୍ସାନୁଯାଇ ସିମେଣ୍ଟ ଖୁଣ୍ଟି ଦ୍ୱାରା ଚୌହଦି ଚିହ୍ନଟ କରିବା ସହିତ ଉକ୍ତ ସୈରାତ ଉତ୍ସ ର ସମସ୍ତ ତଥ୍ୟ ଉଲ୍ଲେଖ କରି ସୂଚନା ଫଳକ ଉତ୍ସର ମୂଖ୍ୟରାସ୍ତାରେ ଉପଯୁକ୍ତ ସ୍ଥାନରେ ଲଗାଇବେ ।

14. ନିଲାମଧାରୀ ଜମା ରୟାଲିଟି ଉପରେ ୨% (ଦୁଇ ପ୍ରତିଶତ) ଆୟକର (TDS) ବାବଦ କୁ ଜମା କରିବେ ।

15. ଯଦି ସଫଳ ନିଲାମ ଧାରୀ ହିସାବରେ ଲିଜ ପ୍ରସ୍ତାବ କୁ ଅଗ୍ରାହ୍ୟ କରନ୍ତି କିମ୍ବା ସଠିକ ସମୟ ମଧ୍ୟରେ ଅନୁମୋଦିତ ନିଲାମ ମୂଲ୍ୟ ଦାଖଲ ନ କରନ୍ତି, ତେବେ ଉକ୍ତ ଅର୍ଜିତ ରାଶି (EMD) ଫେରସ୍ତ ନ କରାଯାଇ ବାଜ୍ୟାପ୍ତି କରାଯିବ ଏବଂ ଅନ୍ୟ ଅସଫଳ ନିଲାମ ଅଂଶୀଧାରୀ ଙ୍କ ଅର୍ଜିତ ରାଶି (EMD) ସାତ(୭) ଦିନ ପରେ ଫେରସ୍ତ କରାଯିବ ।

16. ଖଣିଜ ଦ୍ରବ୍ୟ ପରିବହନ ସମୟରେ କୌଣସି ଭାରୀଯାନ ବ୍ୟବହାର ଏବଂ କୌଣସି ଗାଡିରେ ଅନୁମୋଦିତ ଠାରୁ ଅଧିକ ଦ୍ରବ୍ୟ ପରିବହନ (over load) କରିପାରିବେ ନାହିଁ । ଏଥିସହିତ ଖଣିଜ ଦ୍ରବ୍ୟ ପରିବହନ ସମୟରେ ଏହାକୁ ସଂମ୍ପୂର୍ଣ୍ଣ ଭାବରେ ଆଚ୍ଛାଦିତ କରି ପରିବହନ କରିବେ ।

17. ସର୍ବୋପରି କ୍ଷମତାପ୍ରାପ୍ତ ରାଜସ୍ୱ ଅଧିକାରୀ, କୌଣସି କାରଣ ନ ଦର୍ଶାଇ ନିଲାମ କୁ ସ୍ଥଗିତ / ରଦ୍ଦ କରିପାରିବେ । ଏହା ବିରୁଦ୍ଧ ରେ କୌଣସି ଯୁକ୍ତି / ଆବେଦନ ଗ୍ରହଣୀୟ ନୁହେଁ ।

ତହସିଲଦାର, ବରୀ

ପରିପତ୍ର ସଂଖ୍ୟା ୩୫୭୫ ତା ୦୮-୧୦-୨୦୨୧

ଏହାର ଏକକିତା ନକଲ ଜିଲ୍ଲାପାଳ, ଯାଜପୁର / ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ), ଯାଜପୁର ଏବଂ ଉପଜିଲ୍ଲାପାଳ, ଯାଜପୁର ଙ୍କ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ବରୀ

ପରିପତ୍ର ସଂଖ୍ୟା ୩୫୭୬ ତା ୦୮-୧୦-୨୦୨୧

ଏହାର ଏକକିତା ନକଲ ନିର୍ବାହୀ ଯନ୍ତ୍ରୀ, ଜଳସେଚନ ବିଭାଗ, ଜାରକା, ଯାଜପୁର / ମଣ୍ଡଳ ଉନ୍ନୟନ ଅଧିକାରୀ, ବରୀ / ସମସ୍ତ ରାଜସ୍ୱ ନିରୀକ୍ଷକ, ବରୀ ତହସିଲ / ବରୀ ତହସିଲ ଅନ୍ତର୍ଗତ ସମସ୍ତ ଗ୍ରାମ ପଂଚାୟତ / ଥାନା ଅଧିକାରୀ, ବରୀ-ରାମଚନ୍ଦ୍ରପୁର/ ସହାୟକ ନାଜିର, ବରୀ ତହସିଲ ଙ୍କୁ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଯିବା ସହ ଏହାର ବହୁଳ ପ୍ରସାର ନିମନ୍ତେ Notice Board ରେ ପ୍ରଦର୍ଶନ କରିବା ନିମନ୍ତେ ଅନୁରୋଧ କରାଗଲା ।

ତହସିଲଦାର, ବରୀ

ପରିପତ୍ର ସଂଖ୍ୟା ୩୫୭୭ ତା ୦୮-୧୦-୨୦୨୧

ଏହାର ଏକକିତା ନକଲ D.I.O, NIC, Collectorate, Jajpur ଙ୍କୁ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଯିବା ସହ ଏହାର ବହୁଳ ପ୍ରସାର ନିମନ୍ତେ District Website ରେ ପ୍ରଦର୍ଶନ କରିବା ନିମନ୍ତେ ଅନୁରୋଧ କରାଗଲା ।

ତହସିଲଦାର, ବରୀ

Scanned by CamScanner